# NATIONAL NEWS BULLETIN (ODIA)

**4 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩୬ ମୃତ, ୧୫ ଗୁରୁତର

–ଘଟଣାରେ ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ଛଟ୍ ପର୍ବକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା

- ବ୍ରିସ୍‌ବେନ୍‌ରେ ଭାରତର ନୂଆ ମହାବାଣିଜ୍ୟିକ ଦୂତାବାସ ଉଦ୍‌ଘାଟନ କଲେ ବୈଦେଶିକ ମନ୍ତ୍ରୀ

- ଆସନ୍ତାକାଲି ହେବ ଆମେରିକାର ରାଷ୍ଟ୍ରପତି ନିର୍ବାଚନ

ଏବଂ

- କ୍ରିକେଟ୍‌ରୁ ଅବସର ଘୋଷଣା କଲେ ଭାରତୀୟ ଉ୍ୱିକେଟ୍ କିପର ତଥା ବ୍ୟାସ୍‌ଟସମ୍ୟାନ୍ ଋଦ୍ଧିମାନ ଶାହା

---

## ଉତ୍ତରାଖଣ୍ଡ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ଆଲ୍‌ମୋଡା ଜିଲ୍ଲା ଅନ୍ତର୍ଗତ କୁପି ରେ ଆଜି ସକାଳେ ଗୋଟିଏ ବସ୍  ଖାତ ମଧ୍ୟକୁ ଖସିପଡ଼ିବାରୁ ୩୬ ଜଣ ଯାତ୍ରୀଙ୍କର ମୃତ୍ୟୁ

ଘଟିଛି । ଏଥିରେ ୧୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଦୁର୍ଘଟଣାରେ ଯାତ୍ରୀଙ୍କ ମୃତ୍ୟୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସଂପୃକ୍ତ ବସ୍‌ଟି ୫୧ ଜଣ ଯାତ୍ରୀଙ୍କୁ ନେଇ ଗୌଲିଖାଲ ରୁ ରାମନଗର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ପୋଲିସ୍ ଏବଂ ସ୍ଥାନୟୀ ପ୍ରଶାସନ ସାମିଲ ହୋଇଛନ୍ତି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମହିଳାଙ୍କ ସମେତ ଛୋଟ ପିଲାମାନଙ୍କର ମୃତ୍ୟୁ ଘଟିଛି । ରାଷ୍ଟ୍ରପତି ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିବା ସହ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପିଛା ୪ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଧାମୀ ପାଉରୀ ଏବଂ ଅଲ୍‌ମୋରା ଜିଲ୍ଲାର ଅତିରିକ୍ତ ପରିବହନ ଅଧିକାରୀଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି ।

---

# ସ୍ପେଶାଲ୍ ଟ୍ରେନ୍

ଛଟ୍ ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ସୁବିଧା ଏବଂ ସହଜ ଯାତ୍ରା ନିମନ୍ତେ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରେଳ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି । ଭିଡ଼ ମୁକାବିଲା ପାଇଁ ୧୮୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଯାଉଥିବା ବେଳେ ୨୫ଟି ପୂଜା ସ୍ୱତନ୍ତ୍ର ଟ୍ରେନ୍ ଦିଲ୍ଲୀର ବିଭିନ୍ନ ଅଞ୍ଚଳରୁ ସାରା ଦେଶକୁ ଚଳାଚଳ କରୁଛି । ସୂଚନା ଅନୁଯାୟୀ ସହରସା, ବାରଣାସୀ, ଅଯୋଧ୍ୟା, ଲକ୍ଷ୍ନୌ, ପାଟ୍ନା, ମୁଜାଫରପୁର, ଗୋରଖପୁର, ପ୍ରୟାଗରାଜ, ଦରଭଙ୍ଗା, ଇନ୍ଦୋର ଏବଂ ତିରୁଅନନ୍ତପୁରମ୍‌କୁ ଟ୍ରେନ୍ ଚଳାଚଳ କରୁଛି ।

ଉତ୍ତର ରେଳବାଇର ମୁଖ୍ୟ ଜନସଂପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି, ରେଳବାଇ ନିୟମିତ ଟ୍ରେନ୍ ବ୍ୟତୀତ ବିଶେଷ ପୂଜା ଟ୍ରେନ୍ ଚଳାଇବାକୁ ବ୍ୟବସ୍ଥା କରିଛି । ସେ କହିଛନ୍ତି ଛଟ୍ ପର୍ବ ପାଳନ କରୁଥିବା ଯାତ୍ରୀମାନଙ୍କ ସହଜ ଯାତ୍ରା ନିମନ୍ତେ ଆବଶ୍ୟକ ସଂଖ୍ୟକ ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ କୁମାର ଗତକାଲି ରାତିରେ ଦିଲ୍ଲୀ ରେଳଷ୍ଟେସନ ପରିଦର୍ଶନ କରି ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ବ୍ୟବସ୍ଥା ଓ ସୁବିଧାର ତଦାରଖ କରିଥିଲେ। ରେଳବାଇ ପର୍ବପର୍ବାଣୀ ସମୟରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କୁ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ଅଧିକ ୨ ଲକ୍ଷ ଯାତ୍ରୀଙ୍କ ନିମନ୍ତେ ଟ୍ରେନ୍ ବ୍ୟବସ୍ଥା କରିଥିବା ଜଣାପଡ଼ିଛି । ଦେଶର ପ୍ରମୁଖ ରେଳଷ୍ଟେସନ ଗୁଡ଼ିକରେ ଯାତ୍ରୀମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଯାହାଫଳରେ ଯାତ୍ରୀମାନେ ଅନ୍ୟ ଟ୍ରେନ୍ ପାଇବା ଲାଗି କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

ରେଳବାଇ ପକ୍ଷରୁ ଗତମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ପାଖାପାଖି ୭ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ରେଳ ବିଭାଗ ୧ କୋଟିରୁ ଅଧିକ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖିଛି ।

---

## ଯୋଶୀ-ଆଇଏସ୍ଏ

୨୦୩୦ ମସିହା ସୁଦ୍ଧା ଭାରତ ୫ଶହ ଗିଗାୱାଟ୍ ଶକ୍ତି କ୍ଷମତା ହାସଲ କରିବା ଲକ୍ଷ୍ୟରେ ଏପର୍ଯ୍ୟନ୍ତ ୯୦ ଗିଗାୱାଟ୍ ସୌର କ୍ଷମତା ସ୍ଥାପନ କରିଛି ବୋଲି ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଆନ୍ତର୍ଜାତିକ ସୌର ମେଣ୍ଟର ସପ୍ତମ ଅଧିବେଶନକୁ ଉଦ୍‌ଘାଟନ କରି ଶ୍ରୀ ଯୋଶୀ ଏହା କହିଛନ୍ତି । ସେ କହିଛନ୍ତି ସରକାର ୩୭ ଦଶମିକ ୫ ଗିଗାୱାଟ୍ ବିଶିଷ୍ଟ ନବୀକରଣୀୟ କ୍ଷମତାସଂପନ୍ନ ୫୦ଟି ସୌର ପାର୍କ ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଛନ୍ତି ।  ଚଳିତବର୍ଷ ବିଶ୍ୱ ସୌର କ୍ଷେତ୍ରରେ ୨ ଟେରାୱାଟ୍ ଲକ୍ଷ୍ୟ ପୂରଣ ସମ୍ଭାବନା ରହିଥିବା ସେ କହିଛନ୍ତି ।

ଚଳିତବର୍ଷ ଆନ୍ତର୍ଜାତିକ ସୌରମେଣ୍ଟ ସମ୍ମିଳନୀରେ ଭାରତ ଅଧ୍ୟକ୍ଷତା କରୁଥିବା ବେଳେ ଫ୍ରାନ୍ସ ସହ-ଅଧକ୍ଷତା କରୁଛି । ଏହି ସମ୍ମିଳନୀରେ ସଦସ୍ୟ ଦେଶଗୁଡ଼ିକରେ କିଭଳି ଭାବେ ସୀମିତ ଶକ୍ତିକ୍ଷେତ୍ରରେ ସୌରଶକ୍ତି

ସ୍ଥାପନ କରାଯିବା ଲାଗି ତ୍ୱରିତ ପଦକ୍ଷେପ ନିଆଯାଇ ପାରିବ, ସେ ସଂପର୍କରେ ଚର୍ଚ୍ଚା ହେଉଛି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ବ୍ରିସ୍‌ବେନ୍‌ରେ ଭାରତର ନୂଆ ମହାବାଣିଜ୍ୟିକ ଦୂତାବାସ ଉଦ୍‌ଘାଟନ କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଏହି ଦୂତାବାସ କ୍ୱିନ୍ସଲ୍ୟାଣ୍ଡ୍ ସହ ଭାରତର ସମ୍ବନ୍ଧକୁ ଆହୁରି ଦୃଢ଼ କରିବା ସହ ବାଣିଜ୍ୟ ବୃଦ୍ଧି, ଶୈକ୍ଷିକ ସଂପର୍କରେ ଅଗ୍ରଗତି ଏବଂ ପ୍ରବାସୀ ଭାରତୀୟଙ୍କୁ ସୁବିଧା ଯୋଗାଇବା କ୍ଷେତ୍ରରେ ସହାୟକ ହେବ । ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ କ୍ଷେତ୍ରରେ ଏହି ଦୂତାବାସ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଠାରେ ରହୁଥିବା ଭାରତୀୟଙ୍କୁ ମହାବାଣିଜ୍ୟିକ ଦୂତାବାସ ପ୍ରତିଷ୍ଠା ନେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ ହୋଇଛି ।

ଏହି ଅବସରରେ ଡକ୍ଟର ଜୟଶଙ୍କର କ୍ୱିନ୍ସଲ୍ୟାଣ୍ଡର ଗଭର୍ଣ୍ଣର ଡକ୍ଟର ଜିନେଟର ୟଙ୍ଗ ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବୈଠକରେ ଉଭୟ ନେତା ଭାରତ ଏବଂ କ୍ୱିନ୍ସଲ୍ୟାଣ୍ଡ ମଧ୍ୟରେ ଆର୍ଥିକ, ବାଣିଜ୍ୟିକ ଏବଂ ପୁଞ୍ଜି ନିବିଯୋଗ କ୍ଷେତ୍ରକୁ ଅଧିକ ଦୃଢ଼ କରିବା ଉପାୟ ଉପରେ ଆଲୋଚନା କରିଛନ୍ତି ।

# ୟୁଏସ୍‌-ଇଲେକ୍ସନ

ଆମେରିକାର ୪୭ତମ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆସନ୍ତାକାଲି ମତଦାନ ହେବ । ଏଥିରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଏବଂ ଡେମୋକ୍ରାଟିକ୍ ନେତା କମଳା ହାରିସ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ରହିଛି । ହ୍ୱାଇଟ୍ ହାଉସ୍ ପାଇଁ ଗତ ଦଶନ୍ଧିରେ ହୋଇଥିବା ସମସ୍ତ ରାଷ୍ଟ୍ରପତି ନିର୍ବାଚନ ମଧ୍ୟରେ ଆସନ୍ତାକାଲିର ନିର୍ବାଚନକୁ କଡ଼ା ମୁକାବିଲା ସଂପନ୍ନ ବୋଲି ବିଚାର କରାଯାଉଛି । ଉଭୟ ପ୍ରାର୍ଥୀ ଆମେରିକାର ପ୍ରମୁଖ ରାଜ୍ୟ ଗୁଡ଼ିକର ମତଦାତାମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି ସମସ୍ତ ଉଦ୍ୟମ କରୁଛନ୍ତି ।

ନିର୍ବାଚନରେ ବିଜୟଲାଭ ପାଇଁ ଜଣେ ପ୍ରାର୍ଥୀଙ୍କୁ ୨୭୦ଟି ଇଲେକ୍‌ଟୋରାଲ୍ କଲେଜ ଭୋଟ୍‌ର ଆବଶ୍ୟକତା ହେବ । ଜନମତ ସର୍ବେକ୍ଷଣ ଅନୁଯାୟୀ ଏହି ନିର୍ବାଚନର ଫଳାଫଳ ଆରିଜୋନା, ନେବାଡ଼ା, ୱିସ୍‌କନ୍‌ସିନ୍, ମିସିଗାନ୍, ପେନ୍‌ସିଲ୍‌ଭାନିଆ, ଉତ୍ତର କାରୋଲିନା ଏବଂ ଜର୍ଜିଆର ନିର୍ବାଚନ ପରିଣାମ ଉପରେ ନିର୍ଭର କରିବ ବୋଲି ଜଣାପଡ଼ିଛି ।

ରିପବ୍ଲିକାନ୍ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉତ୍ତର କାରୋଲିନାର କିଙ୍ଗ୍‌ଷ୍ଟନ୍‌ରେ ର୍‍ୟାଲି କରିଥିବା ବେଳେ ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସ୍' ମିସିଗାନ୍ ରେ ର୍‍ୟାଲି କରିଛନ୍ତି । ଉଭୟ ନେତା ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗ ନେଇ ଭୋଟେରମାନଙ୍କୁ ନିଜ ସପକ୍ଷରେ ଭୋଟ୍ ଦେବା ଲାଗି ପ୍ରବର୍ତ୍ତାଉଥିବା ଜଣାପଡ଼ିଛି ।

# ଶ୍ରୀଲଙ୍କା ଟ୍ୟୁରିଜିମ୍

ଶ୍ରୀଲଙ୍କାର ପର୍ଯ୍ୟଟନ କ୍ଷେତ୍ରରେ ଭାରତ ମୁଖ୍ୟ ସ୍ରୋତ ଭାବେ ଉଭା ହୋଇଛି । ଗତ ଅକ୍ଟୋବର ମାସରେ ୩୬ ହଜାର ୪୧୭ ଜଣ ଭାରତୀୟ ପର୍ଯ୍ୟଟକ ଶ୍ରୀଲଙ୍କା ଗସ୍ତ କରିଛନ୍ତି । ସେହି ମାସରେ ମୋଟ୍ ୧ ଲକ୍ଷ ୩୫ ହଜାର ପର୍ଯ୍ୟଟକଙ୍କ ମଧ୍ୟରୁ ୨୭ ପ୍ରତିଶତ ଭାରତୀୟ ହୋଇଥିବା ଜଣାପଡ଼ିଛି । ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୩ ଲକ୍ଷ ୨୩ ହଜାରରୁ ଅଧିକ ଭାରତୀୟ ପର୍ଯ୍ୟଟକ ଶ୍ରୀଲଙ୍କା ଗସ୍ତ କରିଛନ୍ତି, ଯାହା ଗତବର୍ଷ ଠାରୁ ଅଧିକ । ଗତବର୍ଷ ଭାରତରୁ ୩ ଲକ୍ଷ ୩ ହଜାର ପର୍ଯ୍ୟଟକ ଶ୍ରୀଲଙ୍କା ଗସ୍ତ କରିଥିଲେ । ଶ୍ରୀଲଙ୍କା ପର୍ଯ୍ୟଟନ ବିକାଶ ପ୍ରାଧିକରଣ ସୂଚନା ଅନୁଯାୟୀ ଚଳିତବର୍ଷ ଶ୍ରୀଲଙ୍କାକୁ ୧ କୋଟି ୬୦ଲକ୍ଷ ପର୍ଯ୍ୟଟକ ଆସିଛନ୍ତି । ଗତବର୍ଷ ୧ କୋଟି ୪୮ ଲକ୍ଷ ପର୍ଯ୍ୟଟକ ଶ୍ରୀଲଙ୍କା ଗସ୍ତ କରିଥିଲେ । ଆସନ୍ତାବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୨ କୋଟି ୯୦ ଲକ୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ବିଶେଷକରି ଜାଫ୍ନାରୁ ଭାରତକୁ ବିମାନ ଚଳାଚଳ ବ୍ୟବସ୍ଥାରେ ଅଧିକ ପ୍ରୋତ୍ସାହନ ଦିଆଯିବା ପରେ ଶ୍ରୀଲଙ୍କାରେ ପର୍ଯ୍ୟଟନ ଶିଳ୍ପ ଅଗ୍ରଗତି କରୁଛି ବୋଲି ପ୍ରାଧିକରଣ ସୂଚନା ଦେଇଛି ।

# ସିଡିଏସ-ଆଲଜେରିଆ

ଭାରତ ଏବଂ ଆଲଜେରିଆ ଆଜି ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗିତା ଏବଂ ରଣନୈତିକ ଭାଗିତାରିତାକୁ ବୃଦ୍ଧି କରାଯାଇ ପାରିବ । ସେନା ଏବଂ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରତିରକ୍ଷା ମୁଖ୍ୟ

ଜେନେରାଲ୍ ଅନୀଲ ଚୌହାନ ଏବଂ ପିପୁଲ୍‌ସ ନ୍ୟାଶନାଲ୍ ଆର୍ମିର ମୁଖ୍ୟ ସୟଦ୍ ଚନେଗୁହା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

ଆଲ୍‌ଜେରିଆ ଗସ୍ତରେ ଥିବା ଜେନେରାଲ୍ ଅନୀଲ ଚୌହାନ ଶେଷଦିନରେ ସେଠାକାର ସେନାମୁଖ୍ୟ ଚନେ ଗୁହାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଉଭୟ ଦେଶ ମଧ୍ୟରେ ସାମର୍ଥ୍ୟ  ବୃଦ୍ଧି ଏବଂ ଦ୍ୱିପାକ୍ଷିକ ସାମରିକ ସହଯୋଗ ସୁଦୃଢ଼ କରିବା ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ଉଭୟ ସାମରିକ ମୁଖ୍ୟ ମଧ୍ୟ ଭାରତର ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଓ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ସମ୍ବନ୍ଧରେ କଥା ହୋଇଥିଲେ ।

## ଚାଇନିଜ୍ ଆଷ୍ଟ୍ରୋନଟ୍

ଚୀନ୍‌ର ୩ଜଣ ମହାକାଶଯାତ୍ରୀ ତିଆଙ୍ଗୋଙ୍ଗ ମହାକାଶ କେନ୍ଦ୍ରରେ ୬ମାସର ଅଭିଯାନ ଶେଷ କରିବା ପରେ ଆଜି ସକାଳେ ସୁରକ୍ଷିତ ଭାବେ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଚୀନ୍‌ର ମାନବଯୁକ୍ତ ମହାକାଶ ସଂସ୍ଥା- ସିଏମ୍‌ଏସ୍‌ଏ ଅନୁଯାୟୀ ସେନଝୋଉ-୧୮ କ୍ୟାପ୍‌ସୁଲ୍‌ରେ ମହାକାଶଯାତ୍ରୀ ଲି କାଙ୍ଗ, ୟେ ଗୁଆଙ୍ଗଫୁ ଏବଂ ଲି ଗୁଆଙ୍ଗସୁ ଅବତରଣ ସ୍ଥଳରେ ସୁରକ୍ଷିତ ଭାବେ ଓହ୍ଲାଇଛନ୍ତି। ଗତ ଅପ୍ରେଲ୍ ୨୫ ତାରିଖରେ ଚୀନ୍ ସେନେଝୋଉ-୧୮ ମାନବଯୁକ୍ତ ମହାକାଶଯାନ ପ୍ରେରଣ କରିଥିଲା । ଅଭିଯାନ କାଳରେ ମହାକାଶ ଯାତ୍ରୀମାନେ ମାଇକ୍ରୋ ଗ୍ରାଭିଟ୍, ମହାକାଶ ସାମଗ୍ରୀ ବିଜ୍ଞାନ, ମହାକାଶ ଜୀବନ ବିଜ୍ଞାନ ଏବଂ ମହାକାଶ ଚିକିତ୍ସା କ୍ଷେତ୍ରରେ ଅନେକ ଗୁଡ଼ିଏ ପରୀକ୍ଷା ନିରୀକ୍ଷା କରିଥିବା ଜଣାପଡ଼ିଛି ।

# ଶାହା-ରିଟାୟାରମେଣ୍ଟ

ଭାରତୀୟ ଓ୍ୱିକେଟ୍ କିପର ତଥା ବ୍ୟାଟ୍ସମ୍ୟାନ୍ ରିଦ୍ଧିମାନ ଶାହା କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସେ କହିଛନ୍ତି ଏବେ ଚାଲିଥିବା ରଣ୍ଜୀ ଟ୍ରଫିରେ ସେ ଶେଷଥର ଖେଳୁଛନ୍ତି । ୨୦୧୦ରେ କ୍ରିକେଟରେ କ୍ୟାରିୟର ଆରମ୍ଭ କରିଥିବା ୪୦ ବର୍ଷୀୟ ବେଙ୍ଗଲ ଓ୍ୱିକେଟ୍ କିପର୍ ୪୦ଟି ଟେଷ୍ଟ୍ ଏବଂ ୯ଟି ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କ୍ରିକେଟର ରିଦ୍ଧିମାନ କହିଛନ୍ତି ତାଙ୍କ କ୍ରିକେଟ୍ ଯାତ୍ରା ଅତ୍ୟନ୍ତ ସଫଳ ଥିଲା ଏବଂ ଶେଷଥର ଲାଗି ବେଙ୍ଗଲର ପ୍ରତିନିଧିତ୍ୱ କରୁଥିବାରୁ ସେ ଖୁସି ଅଛନ୍ତି ।